# ଆଇଆଇଟି ପ୍ରତିଷ୍ଠାରେ ରାଜନୀତି ନହେଉ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ତା୧/୨ (ନି.ପ୍ର)– ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ଏକ ଆଇଆଇଟି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ଆଇଆଇଟି ପରି ଜାତୀୟ ଅନୁଷ୍ଠାନର ସ୍ଥାନ ନିରୂପଣବେଳେ ରାଜନୈତିକ ଅଭିସନ୍ଧିକୁ ଦୂରେଇ ରଖିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କୁ ପତ୍ର

ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ଓଡ଼ିଶାରେ ଆଇଆଇଟି ପରି ଉଚ୍ଚମାନର ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାର ଯୁକ୍ତିଯୁକ୍ତତା ଦର୍ଶାଇ ମୁଖ୍ୟମନ୍ତ୍ରୀ ଏହି ପତ୍ର ଲେଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗତ ଦିଲ୍ଲୀଗସ୍ତ ସମୟରେ ଏ ସମ୍ପର୍କରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କ ସହ ଆଲୋଚନା ହୋଇଥିବା ଓ ସେ ରାଜ୍ୟର ଯୁକ୍ତିକୁ ଗ୍ରହଣକରି ଆଇଆଇଟି ପ୍ରତିଷ୍ଠା ନେଇ ଅନୁକୂଳ ମନୋଭାବ ପୋଷଣ କରିଥିବା ପ୍ରସଙ୍ଗ ପତ୍ରରେ ଉଲ୍ଲେଖ କରାଯାଇଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ବୈଷୟିକ ମାନବ ସମ୍ବଳ ବିକାଶର ଆବଶ୍ୟକତା ରହିଛି । ଏନଏସଏସଓ ରିପୋର୍ଟ ଅନୁଯାୟୀ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରବେଶ ହାର ଲକ୍ଷ୍ୟ ୧୫% ରହିଥିବାବେଳେ ଓଡ଼ିଶାରେ ଏହି ହାର ମାତ୍ର % ରହିଛି । ତେଣୁ ଆଇଆଇଟି ପରି ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ପରି ରାଜ୍ୟ ପ୍ରତି ହୋଇଥିବା ଐତିହାସିକ ବିସମତା ଦୂର କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଆଶାବ୍ୟକ୍ତ କରିଛନ୍ତି । ଓଡ଼ିଶାରେ ନାଇସର ପ୍ରତିଷ୍ଠା ହୋଇଥିବାରୁ ଆଇଆଇଟି ପରି

● ପୃଷ୍ଠା ୨ ଦେଖନ୍ତୁ